# ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, ମୁନିଗୁଡା
## ଜିଲ୍ଲା-ରାୟଗଡା, ପିନ-୭୬୫୦୨୦
## ମହିଳା ଓ ଶିଶୁବିକାଶ ଓ ମିଶନ ଶକ୍ତି ବିଭାଗ

ପତ୍ରସଂଖ୍ୟା ୧୪୦୦ /୨୦୨୪ ତା- ୨୪ / ୧୨ / ୨୦୨୪

## ଅଙ୍ଗନୱାଡି ସହାୟିକା ପଦବୀ ଚୟନ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ମୁନିଗୁଡା ପ୍ରକଳ୍ପ ଅଧିନର ସମସ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ମୁନିଗୁଡା ଅଧୀନରେ ଖାଲି ଥିବା ୨୪ ଗୋଟି ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି ସହାୟିକା ପଦବୀ ନିମନ୍ତେ ଅନଲାଇନ(online) ମାଧ୍ୟମରେ ଦରଖାସ୍ତ ପତ୍ର ଆହ୍ୱାନ ନିମନ୍ତେ ଶିଶୁ ବିକାଶ ପ୍ରକଳ୍ପ , ମୁନିଗୁଡା କାର୍ଯ୍ୟାଳୟ ତରଫରୁ ବିଜ୍ଞପ୍ତି ଜାରି କରାଗଲା । ଆଗ୍ରହୀପ୍ରାର୍ଥୀ ମାନେ ପ୍ରଦତ୍ତ http://engagement-awc.odisha.gov.in/landing ୱେବସାଇଟରେ public user/public login ମାଧ୍ୟମରେ ଧାର୍ଯ୍ୟ ସମୟ ମଧ୍ୟରେ ଆବେଦନ କରିପାରିବେ ।

ଓଡ଼ିଶା ସରକାରଙ୍କ ,ମହିଳା ଓ ଶିଶୁ ବିକାଶ ବିଭାଗ ଭୁବନେଶ୍ୱର ଚିଠି ସଂଖ୍ୟା. ୪୯୭୦ ତାରିଖ.୧୫.୦୩.୨୦୨୪ ଅନୁସାରେ ଅଙ୍ଗନୱାଡି ସହାୟିକା ଚୟନ କରାଯିବ। ନିମ୍ନଲିଖିତ ଯୋଗ୍ୟ ସମ୍ପନ୍ନ ପ୍ରାର୍ଥୀନୀ ଖାଲିଥିବା ଅଙ୍ଗନୱାଡି ସହାୟିକା ପଦବୀ ସକାଶେ ଆବେଦନ କରିପାରିବେ ।

୧. ଆବେଦନକାରୀ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ଏବଂ ଅଙ୍ଗନୱାଡି କର୍ମୀଙ୍କ ଗ୍ରହଣୀୟ ହୋଇଥିବା ଆବଶ୍ୟକ । ଅଙ୍ଗନୱାଡି କେନ୍ଦ୍ରାଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ଓ ପ୍ରାର୍ଥୀନୀଙ୍କ ପାଖରେ ସ୍ଥାନୀୟ ତହସିଲଦାରଙ୍କ ଠାରୁ ସାମ୍ପ୍ରତିକପ୍ରାପ୍ତ କରାଯାଇଥିବା ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଆବଶ୍ୟକ ଏବଂ ଏହାକୁ online ରେ upload କରିବେ ।

୨. ଦରଖାସ୍ତକାରୀଙ୍କ ବୟସ ତା.୦୧.୦୧.୨୦୨୫ ରିଖ ସୁଦ୍ଧା ୧୮ ବର୍ଷ ପୂର୍ଣ୍ଣ ହୋଇଥିବ ଏବଂ ୩୫ ବର୍ଷରୁ ଅଧିକ ହୋଇ ନ ଥିବା ବୟସ ପ୍ରମାଣ ସ୍ୱରୂପ ୧୦ମ ବୋର୍ଡ ପାସ ସାର୍ଟିଫିକେଟ ଅପଲୋଡ କରିବେ ।

୩. ଅଙ୍ଗନୱାଡି ସହାୟିକା ପଦବୀ ସକାଶେ ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁନ୍ୟ +2 ପାସ (ଦ୍ୱାଦଶ ଶ୍ରେଣୀ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। ଆବେଦନକାରୀ ଦରଖାସ୍ତ ଫର୍ମରେ ଆବଶ୍ୟକୀୟ ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ଓ ମାର୍କ ସିଟ ର ଆଗପଛ ONLINE ରେ UPLOAD କରିଥିବା ଜରୁରୀ ଅଟେ ।

୪. ଆବେଦନକାରୀଙ୍କ ଓଡ଼ିଆ ଜ୍ଞାନଥିବା ନିଶ୍ଚିତ ଜରୁରୀ ଅଟେ । ଆବେଦନକାରୀ ଓଡିଆ ଭାଷା ଲେଖି, ପଢି ଓ କହିପାରୁଥିବା ଆବଶ୍ୟକ । ଆବେଦନକାରୀ ଓଡିଆଭାଷାକୁ ଏକ ବିଷୟ ଭାବରେ ରଖି ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷାରେ ଉତ୍ତୀର୍ଣ୍ଣହୋଇଥିବା ଆବଶ୍ୟକ କିମ୍ବା ଉଚ୍ଚବିଦ୍ୟାଳୟ ସାର୍ଟିଫିକେଟ କିମ୍ବା ସମତୁଲ ପରୀକ୍ଷାରେ ଉତ୍ତୀର୍ଣ୍ଣହୋଇଥିବା ଆବଶ୍ୟକ, ଯେଉଁଥିରେ ଭାଷା ବ୍ୟତୀତ ଅନ୍ୟ ବିଷୟ ଗୁଡିକର ମାଧ୍ୟମ ଓଡିଆ ହୋଇଥିବ କିମ୍ବା ସପ୍ତମ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ଓଡିଆ ଭାଷାକୁ ଏକ ବିଷୟ ଭାବେ ରଖି ଓଡିଶା ସରକାର କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟରୁ କିମ୍ବା ଶିକ୍ଷା ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ କିମ୍ବା ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ପରିଚାଳିତ ମଧ୍ୟ ଇଂରାଜୀ ବିଦ୍ୟାଳୟ ଷ୍ଟାଣ୍ଡର୍ଡର ଏକ ଓଡିଆ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକଏହାର ପ୍ରମାଣ ପତ୍ର ONLINE ପୋର୍ଟାଲ ରେ UPLOAD ଜରୁରୀ ଅଟେ ।

୫. ଆବେଦନକାରୀ ଯଦି ଅନୁସୂଚିତ ଜନଜାତି / ଅନୁସୂଚିତ ଜାତି / ବିଧବା / ଅନାଥଶିଶୁ / ନିରାଶ୍ରୟ /ଛାଡପତ୍ରପ୍ରାପ୍ତ / ପରିତ୍ୟକ୍ତାମହିଳାହୋଇଥିବେ /ଅନୁନ୍ୟ ଯୋଗ୍ୟତାଠାରୁ ଉଚ୍ଚଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାନ୍ତି ତେବେ ତତସମ୍ବନ୍ଧୀୟ ପ୍ରମାଣ ପତ୍ର ଅଧିକାରୀଙ୍କଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ ଏବଂ ଦରଖାସ୍ତ ସହିତ , ପୋର୍ଟାଲ ରେ ଦାଖଲ କରିବା ଜରୁରୀ ଅଟେ ।

୬.ଅଙ୍ଗନୱାଡି ସହାୟିକା ପିଲାମାନଙ୍କୁ ରୋଷେଇ କରିଖାଇବାକୁଦେବା ଏବଂ ଅଙ୍ଗନୱାଡିକେନ୍ଦ୍ରର ଦୈନନ୍ଦିନ କାର୍ଯ୍ୟ କରିବାରେ ଅଙ୍ଗନୱାଡିକର୍ମୀଙ୍କୁ ସାହାଯ୍ୟ କରିବାକୁ ଇଚ୍ଛୁକ ଥିବା ଆବଶ୍ୟକ।

୭. ଆବେଦନକାରୀ ଭବିଷ୍ୟତରେ ନିୟମିତ ନିଯୋଜନ ନିମନ୍ତେ ଯେକୌଣସି ପ୍ରକାର ଦାବି କରିପାରିବେ ନାହିଁ।

୮. ଅଙ୍ଗନୱାଡି ସହାୟିକା ଭାବେ ମନୋନୀତ ହୋଇ କାମରେ ନିୟୋଜିତ ପ୍ରାର୍ଥୀ ସାଧାରଣତଃ ୬୦ ବର୍ଷ ବୟସ ଯାଏଁ କାମ କରିବେ। ୬୦ ବର୍ଷ ପରେ ପୁନଃ ନିୟୋଜିତ ହେବାକୁଚାହୁଁଥିବା ସହାୟିକାମାନେ ବିଭାଗ ଆଦେଶ ନଂ ୩୬୫୭ ତା.୦୨.୦୩.୨୦୧୯ ଅନୁଯାୟୀ ଦୁଇବର୍ଷ ବୃଦ୍ଧିପାଇଁ ଆବେଦନ କରିପାରିବେ ।

୨୪/୧୨/୨୪

ଶିଶୁ ବିକାଶ ଯୋଜନା ଅଧିକାରୀ
ମୁନିଗୁଡା

୯.  ଦରଖାସ୍ତକାରୀମାନେ ବିଜ୍ଞପ୍ତି ଜାରିହେବାର ୧୫ ଦିନ ମଧ୍ୟରେ ତା. ୩୧.୧୨.୨୦୨୫ ଠାରୁ ୧୪.୦୧.୨୦୨୬ ରିଖ ପର୍ଯ୍ୟନ୍ତ online ମାଧ୍ୟମରେ ଆବେଦନ କରିପାରିବେ ।

୧୦.  ଦରଖାସ୍ତ ଗ୍ରହଣ ଶେଷ ହେବାପରେ ଅର୍ଥାତ ତା.୧୫.୦୧.୨୦୨୬ ରିଖ ପୂର୍ବାହ୍ନ ୧୦.୩୦ ଘଣ୍ଟିକା ଠାରୁ ଅପରାହ୍ନ ୦୫.୩୦ ସମୟପର୍ଯ୍ୟନ୍ତ ଆବେଦନକାରୀ online ମାଧ୍ୟମରେ upload କରିଥିବା ସାର୍ଟିଫିକେଟର ମୂଳ (original) ପ୍ରମାଣପତ୍ର ସହ ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ। ଉକ୍ତ ଦିନ ଚୟନ କମିଟି ଦ୍ୱାରା ମୂଳ ସାର୍ଟିଫିକେଟ ଯାଞ୍ଚ ( certificate verification ) କରାଯିବ । ଯାଞ୍ଚ ଦିବସ ରେ ଦରଖାସ୍ତ କାରି ଅନୁପସ୍ଥିତ ରହିଲେ ଉକ୍ତ ପ୍ରାର୍ଥିନୀ ଙ୍କ ଦରଖାସ୍ତ ନାକଚ କରାଯିବ ଏଣୁ ସମସ୍ତ ଆବେଦନ କାରିଣୀ ଉପସ୍ଥିତ ରହିବା ହେବେ।

୧୧.  ପ୍ରାର୍ଥୀନୀ ନିଜର ବର୍ତ୍ତମାନର ପାସପୋର୍ଟସାଇଜ ଫୋଟୋ ଏବଂ ଆଧାରକାର୍ଡ ପୋର୍ଟାଲରେ ଅପଲୋଡ କରିବେ।

୧୨.  ପ୍ରାର୍ଥୀନୀ କେଉଁ ଅଙ୍ଗନୱାଡି କେନ୍ଦ୍ର ସକାଶେ ଆବେଦନ କରୁଛନ୍ତି ତାହା ପୋର୍ଟାଲ( PORTAL ) ମାଧ୍ୟମରେ ପ୍ରକାଶ କରିବେ।

୧୩.  ଆବେଦନକାରୀ କୌଣସି ନିର୍ବାଚିତ ପ୍ରତିନିଧି ହୋଇନଥିବେ।

୧୪.  Online ଆବେଦନ ପତ୍ର ଗୁଡିକର ଯାଞ୍ଚ କରାଯିବା ପରେ ପାର୍ଥୀନି ମାନଙ୍କର ତାଲିକା ପବ୍ଲିକ୍ ପୋର୍ଟାଲ ରେ ପ୍ରକାଶ କରାଯିବ।

୧୫.  ଉକ୍ତ ତାଲିକାରେ ସ୍ଥାୟୀ ବାସିନ୍ଦା/ଶିକ୍ଷାଗତଯୋଗ୍ୟତା/ ଜାତିଗତ ପ୍ରମାଣପତ୍ରରେ ଯଦିକିଛି ତ୍ରୁଟିଥାଏ ତାହେଲେ ଯେକୌଣସି ବ୍ୟକ୍ତି ବା ପ୍ରାର୍ଥିନି (7ଦିନ) ନିର୍ଦ୍ଦିଷ୍ଟସମୟ ସୀମାମଧ୍ୟରେ(on line)ଅଭିଯୋଗ କରିପାରିବେ । (ତା ୧୬.୦୧.୨୦୨୬ ରୁ ୨୨.୦୧.୨୦୨୬ ମଧ୍ୟରେ )

୧୬.  ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଓଡିଶା ସରକାରଙ୍କ ଅଙ୍ଗନୱାଡି ସହାୟିକା ଚୟନ ପ୍ରକ୍ରିୟା ମାର୍ଗଦର୍ଶିକା ଅନୁଯାୟୀ କରାଯିବ।ଯଥା ଦ୍ୱାଦଶ ଶ୍ରେଣୀ ପରୀକ୍ଷା ରେ ହାସଲକରିଥିବା ମାର୍କ ଆଧାରରେ ଆବେଦନକାରୀ ମେରିଟଲିଷ୍ଟ ପ୍ରସ୍ତୁତ କରାଯିବ। ପ୍ରଥମସୁଯୋଗରେ ଫେଲହୋଇଥିବା ବିଷୟରେ ପାଇଥିବା ମାର୍କକୁ କାଟିବା ଏବଂ ଉକ୍ତ ବିଷୟରେ ପରବର୍ତ୍ତୀ ପରୀକ୍ଷା ଦେଇପାସ ହେବା ପରେ ପ୍ରାପ୍ତ ମାର୍କକୁ ସେହିସ୍ଥାନ ରେଯୋଡ଼ାଯିବଏବଂସେହିଅନୁଯାୟୀ ଶତକଡ଼ାଗଣନା କରାଯିବ।

୧୭. ଉପରୋକ୍ତ ବ୍ୟତୀତ ନିମ୍ନଲିଖିତବର୍ଗ ନିମନ୍ତେ ଅତିରିକ୍ତ ପଏଣ୍ଟ ପ୍ରଦାନ କରିବା ସହ ଅଗ୍ରାଧିକାର ପ୍ରଦାନ କରାଯିବ।

| କ୍ରମିକସଂଖ୍ୟା | ବର୍ଗ | ଅତିରିକ୍ତପଏଣ୍ଟ |
|---|---|---|
| ୧ | ଅନୁସୂଚିତଜନଜାତି / ଅନୁସୂଚିତଜାତି | ୧୦ |
| ୨ | ବିଧବା | ୧୦ |
| ୩ | ଅନାଥ ଝିଅ ( ଜୈବିକ କିମ୍ବା ଆଇନଗତ ପିତାମାତା ନଥିବା ) | ୧୦ |
| ୪ | ନିରାଶ୍ରୟ /ଛାଡପତ୍ରପ୍ରାପ୍ତ / ପରିତ୍ୟକ୍ତା ମହିଳା | ୫ |
| ୫ | ଯଦି ପ୍ରାର୍ଥିନୀଉଚ୍ଚଯୋଗ୍ୟତାପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି | ୫ |

ଦରଖାସ୍ତ ଆହ୍ୱାନ ନିମନ୍ତେ ଅଙ୍ଗନୱାଡି କେନ୍ଦ୍ରର ତାଲିକା:-

| କ୍ର.ନଂ | ଗ୍ରାମ ପଞ୍ଚାୟତର ନାମ | ସେକ୍ଟର ର ନାମ | ଅଙ୍ଗନୱାଡି କେନ୍ଦ୍ରର ନାମ | ଅଙ୍ଗନୱାଡିକେନ୍ଦ୍ରଓତାରପରିସରଭୁକ୍ତଅଞ୍ଚଳରନାମ |
|---|---|---|---|---|
| ୧ | ମୁନିଖୋଲ | ମୁନିଗୁଡା | କୁନା ବଂଶଲୀ | ଘର ସଂଖ୍ୟା ୦୦୧ ବାଲସୀ ସିକକା ଠାରୁ ଘର ସଂଖ୍ୟା ୦୬୦ ହେମ ଗୌଡ ପର୍ଯ୍ୟନ୍ତ |
| ୨ | ମୁନିଗୁଡା | ମୁନିଗୁଡା | ପଟାଙ୍ଗପଦର | ଘର ସଂଖ୍ୟା ୦୦୧ –ରାତା ମାଝୀ ପ୍ରସକା ଠାରୁ ଘର ସଂଖ୍ୟା -୮୯ – ଦମବୁରୁ ଝୁରା ପର୍ଯ୍ୟନ୍ତ |
| ୩ | ଜଗଦଳପୁର | ଜଗଦଳପୁର | ସାବରୀନାଲ | ଘର ସଂଖ୍ୟା ୦୦୧ ହାସ୍ୟ ରେନଗିଟି ଠାରୁ ଘର ସଂଖ୍ୟା–୦୬୨ -ସୁରତ କାଡ୍ରାକା ପର୍ଯ୍ୟନ୍ତ |
| ୪ | ଜଗଦଳପୁର | ଜଗଦଳପୁର | ବିରଲି | ଘର ସଂଖ୍ୟା ୦୦୧ କଲଷ୍ଟି ବାକ୍ରି ଠାରୁ ଘର ସଂଖ୍ୟା ୦୬୯ ସଂକ୍ରିତ |

ଶିଶୁ ବିକାଶ ଯୋଜନା ଅଧିକାରୀ
ମୁନିଗୁଡ଼ା

| | | | | |
|---|---|---|---|---|
| | | | | ବେହେରା |
| ୫ | ଶରଦ୍ଧାପୁର | ଜଗଦଳପୁର | ବନ୍ଧୁଗୁଡା | ଘର ସଂଖ୍ୟା ୦୦୧ – ୦୯୨ ମାରକିଶନ ବଛା ଠାରୁ ଘର ସଂଖ୍ୟା - ଗୋପୀ ସହିଡିଆ ପର୍ଯ୍ୟନ୍ତ |
| ୬ | ଜଗଦଳପୁର | ଜଗଦଳପୁର | ବଙ୍ଗନା | ଘର ସଂଖ୍ୟା ୦୦୧ - ୦୨୦ ରାଜୀବ ପୃଷ୍ଟିକା ଠାରୁ ଘର ସଂଖ୍ୟା – ଡାୟା ପୃଷ୍ଟିକା ପର୍ଯ୍ୟନ୍ତ |
| ୭ | ଘମବଗୁଡା | ଜଗଦଳପୁର | ଚିଡାଙ୍ଗବୋରି | ଘର ସଂଖ୍ୟା ୦୦୧ ଜିରା ଶଗଡିଆ ଠାରୁ ଘର ସଂଖ୍ୟା ୦୪୧ ଡାନା ମହାନନ୍ଦିଆ ପର୍ଯ୍ୟନ୍ତ |
| ୮ | ଶିବପଦର | ଶିବପଦର | ଖଡ଼େସି | ଘର ସଂଖ୍ୟା ୦୦୧ - ୦୪୫ ଲସକେ ସିକକା ଠାରୁ ଘର ସଂଖ୍ୟା – ନାମ ସିକକା ପର୍ଯ୍ୟନ୍ତ |
| ୯ | ଶିବପଦର | ଶିବପଦର | ସେରକା ପାଡୁ | ସେରକା ପାଡୁ ଗ୍ରାମ ଘର ସଂଖ୍ୟା ୦୦୧ ସଙ୍ଗ କରସିକା ଠାରୁ ଘର – - ୦୩୦ ସଂଖ୍ୟା ରାନୁ ସିକକା ପର୍ଯ୍ୟନ୍ତ<br>କେସର ପାଡି ଗ୍ରାମ ଘର ସଂଖ୍ୟା ୦୦୧ ବୁଷ୍ଣ କୃଟଢୁକ- ଠାରୁ ଘର ସଂଖ୍ୟା ୦୨୯ ରାନୁ କୃଟଢୁକ ପ-ର୍ଯ୍ୟନ୍ତ<br>ବାଟୁଡି ଗ୍ରାମ ଘର ସଂଖ୍ୟା ୦୦୧ କାମୁରୁ ଯାକେଶିକ-ଠାରୁ ଘର ସଂଖ୍ୟା ୦୨୮ ମୁଣା ଯାକେଶିକ-ପର୍ଯ୍ୟନ୍ତ |
| ୧୦ | ପାଡୁଗୁଡା | ଶିବପଦର | ରାଜୁଳୁଗୁଡା | ଘର ସଂଖ୍ୟା ୦୦୧ ୦୮୦ ବୁଜମନ ବିନ୍ଦଡିକ ଠାରୁ ଘର ସଂଖ୍ୟା – -ଜନମତି କାଡ୍ରାକା ପର୍ଯ୍ୟନ୍ତ |
| ୧୧ | ଶିବପଦର | ଶିବପଦର | ଧାଣ୍ଡରା | ଧାଣ୍ଡରା ଗ୍ରାମ ଘର ସଂଖ୍ୟା ୦୦୧ ପଦ୍ମ କାଡ୍ରାକା ଠାରୁ ଘର ସଂଖ୍ୟା – - ୦୩୪ ଲାଟା ବିନ୍ଦରିକ ପର୍ଯ୍ୟନ୍ତ<br>ଗଣ୍ଡିଲୁଆ ଗ୍ରାମ ଘର ସଂଖ୍ୟା ୦୦୧ ଘଜ ଦୋରା-ଠାରୁ ଘର ସଂଖ୍ୟା ୦୩୪ କେଶବ ପ-ାଡାଳି ପର୍ଯ୍ୟନ୍ତ |
| ୧୨ | ଇଚ୍ଛାପୁର | ଅମ୍ଭାଭଟା | ଗିଡଜୀଗୁଡା | ଘର ସଂଖ୍ୟା ୦୦୧ -ସାଇବେନ ବାଘ ଠାରୁ ଘର ସଂଖ୍ୟା ୦୬୯ ଦିବାକର ଡଙ୍ଗରି ପର୍ଯ୍ୟନ୍ତ |
| ୧୩ | ଇଚ୍ଛାପୁର | ଅମ୍ଭାଭଟା | ଟେରାଗୁମା | ଘର ସଂଖ୍ୟା ୦୦୧ -ଋଷିକେଶ ମାଝୀ ଠାରୁ ଘର ସଂଖ୍ୟା ୦୪୪ ଭୁବଦେଇ ମାଝୀ ପର୍ଯ୍ୟନ୍ତ |
| ୧୪ | ଇଚ୍ଛାପୁର | ଅମ୍ଭାଭଟା | ସାଙ୍ଗବାଜସା | ଘର ସଂଖ୍ୟା ୦୦୧ ଇତି କଡିମ ଠାରୁ ଘର ସଂଖ୍ୟା ୦୧୦୩ ଘନ ବଛା ପର୍ଯ୍ୟନ୍ତ |
| ୧୫ | ଇଚ୍ଛାପୁର | ଅମ୍ଭାଭଟା | ଦାମନପାଡୁ | ଘର ସଂଖ୍ୟା ୦୦୧ ଅର୍ଜିଲି ବଛା ଠାରୁ ଘର ସଂଖ୍ୟା ୫୯ ସୁକ୍ରୁମାନ ବଛା ପର୍ଯ୍ୟନ୍ତ |
| ୧୬ | ଇଚ୍ଛାପୁର | ଅମ୍ଭାଭଟା | କାସେରି | ଘର ସଂଖ୍ୟା ୦୦୧ –ପଦ୍ମା ଗୌଡ ଠାରୁ ଘର ସଂଖ୍ୟା ୦୬୩ - ପ୍ରତୀକ ବଛା ପର୍ଯ୍ୟନ୍ତ |
| ୧୭ | ଇଚ୍ଛାପୁର | ଅମ୍ଭାଭଟା | ଦାମନହେକୁ | ଘର ସଂଖ୍ୟା ୦୦୧ ତପତ ମାଝୀ ଠାରୁ ଘର ସଂଖ୍ୟା ଲାଇଚନ ଗରଡିଆ |
| ୧୮ | ଅମ୍ଭାଭଟା | ଅମ୍ଭାଭଟା | ଅମ୍ଭାଭଟା-C | ଘର ସଂଖ୍ୟା ୦୦୧-ରାମାକାନ୍ତ ଘଡାଇ ଠାରୁ ଘର ସଂଖ୍ୟା ୦୧୯୦ – ଶ୍ୟାମ କୁମାର ପର୍ଯ୍ୟନ୍ତ |
| ୧୯ | ଅମ୍ଭାଭଟା | ଅମ୍ଭାଭଟା | ସାନକୁମୁଡାବାଲି | ଘର ସଂଖ୍ୟା ୦୦୧-ସମବାରି ବାଗ ଠାରୁ ଘର ସଂଖ୍ୟା ୧୯୪ – ମିଶର ମହନ୍ତବ ପର୍ଯ୍ୟନ୍ତ |
| ୨୦ | କୁମୁଡାବାଲି | କୁମୁଡାବାଲି | ଗୁମୁଡି | ଗୁମୁଡି ଗ୍ରାମର ଘର ସଂଖ୍ୟା ୦୦୧ ଶଙ୍କର କାଡ୍ରାକା ଠାରୁ ଘର – – ୦୬୨ ସଂଖ୍ୟା ଡମ୍ବୁରୁ କାଡ୍ରାକା ପର୍ଯ୍ୟନ୍ତ |

ଶିଶୁ ବିକାଶ ପ୍ରକଳ୍ପ ଅଧି...
ମୁନିଗୁଡ଼ା

| | | | | |
|---|---|---|---|---|
| | | | | କାଉଗୁଡା ଗ୍ରାମର ଘର ସଂଖ୍ୟା ୦୦୧ଶିବ ଯାକେଶିକ -। ଠାରୁ ୧୯- ବିଶନୁ ସିଦକା |
| ୨୧ | ଘମଚଗୁଡା | ପାଇକ ରାନିପିଣ୍ଡା | ଗିରିଜିଲି | ଘର ସଂଖ୍ୟା ୦୦୧ –ରାମ ଚନ୍ଦ୍ର ମୁନିକାକୁ ଠାରୁ ଘର ସଂଖ୍ୟା ୦୫୮ - ସନ୍ତୋଷ ଦାମରାକାଣ୍ଡି ପର୍ଯ୍ୟନ୍ତ . |
| ୨୨ | ଡିମିରିଗୁଡା | ରଘୁବାରି | ନାନିବୁଟି | ଘର ସଂଖ୍ୟା ୦୦୧ –ରେଙ୍ଗଟା ମାଝୀ ଠାରୁ ଘର ସଂଖ୍ୟା ୦୩୫ - ସୁଦର୍ଶନ ସାହୁ ପର୍ଯ୍ୟନ୍ତ |
| ୨୩ | ରଘୁବାରି | ରଘୁବାରି | ସିଲିକୁଡି | ଘର ସଂଖ୍ୟା ୦୦୧ –କାର୍ତ୍ତିକ ଗୌଡ ଠାରୁ ଘର ସଂଖ୍ୟା ୦୭ ୦ -ସତ୍ୟନାରାୟଣ ଗୌଡ ପର୍ଯ୍ୟନ୍ତ |
| ୨୪ | ଡିମିରିଗୁଡା | ରଘୁବାରି | ମାନ୍ଦୁରା | ଘର ସଂଖ୍ୟା ୦୦୧ –ବୁଲୁ ମାଝୀ ଠାରୁ ଘର ସଂଖ୍ୟା -୧୦୪– ନନ୍ଦକ ରାମ ମାଝୀ ପର୍ଯ୍ୟନ୍ତ |

ମୂଳ ପ୍ରମାଣ ପାତ୍ର ଯାଞ୍ଚ ଦିବସରେ ଯଦି କୌଣସି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଉପରିସ୍ଥ ଅଧିକାରୀ ଙ୍କ ଦ୍ୱାରା ଅଚାନକ ଅନ୍ୟ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ପ୍ରାପ୍ତ ହୁଏ ତେବେ ନିର୍ଦ୍ଧାରିତ ତାରିଖ ଓ ସମୟ ପରିବର୍ତ୍ତନ କରାଯାଇପାରେ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ମୁନିଗୁଡା

ପରିପତ୍ର ସଂଖ୍ୟା. ୧୪୦୯ / ୨୦୨୫ ତାରିଖ. ୨୪ / ୦୨ / ୨୦୨୫

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ ଗୁଣୁପୁର/ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ରାୟଗଡା/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି, ମୁନିଗୁଡା /ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ, ମୁନିଗୁଡା କୁ ଅନୁରୋଧ କରାଗଲା କି ସେ ସମ୍ପୃକ୍ତ କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ କର୍ମୀ ଙ୍କୁ ଯାଞ୍ଚ ଦିନ ଏବଂ ସହାୟିକା ଚୟନ ଦିନ ନିମ୍ନ ସ୍ୱାକ୍ଷରକାରିଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ପାଇଁ ଆଦେଶ ପ୍ରଦାନ କରିବେ /ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନିଗୁଡା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ମୁନିଗୁଡା

ପରିପତ୍ର ସଂଖ୍ୟା. ୧୪୦୨ / ୨୦୨୫ ତାରିଖ. ୨୪ / ୦୨ / ୨୦୨୫

ଏହାର ଏକକିତା ନକଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମୁନିଗୁଡା ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ , ମୁନିଗୁଡା ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ ତଥା ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇ ଦିଆଗଲା। ସମ୍ପୃକ୍ତ ପରିଦର୍ଶିକା ଏହି ନୋଟିସକୁ ଅଙ୍ଗନୱାଡି କେନ୍ଦ୍ର ଗ୍ରାମରେ ଏବଂ ଗ୍ରାମପଞ୍ଚାୟତ ଲଟକାଇ ତାର ସ୍ୱୀକୃତି ପ୍ରାପ୍ତ ଚିଠା କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ କରାଗଲା।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ମୁନିଗୁଡା